To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଭାରତକୁ ଆର୍ମସ ଡ୍ରୋନ ଯୋଗାଇବ ଆମେରିକା



R.N.I. No.-42041/83 Vol-15, Issue No.114, ଭଦ୍ରକ, ସୋମବାର, ୨୩, ଅକ୍ଟୋବର ୨୦୧୭ ■ Bhadrak, Monday, 23 October 2017 Rs. 2.00 Pages-8

# ଭାରତ ଏସିଆକପ୍ ହିରୋ



- ୨-୧ ଗୋଲରେ ମାଲେସିଆ ପରାସ୍ତ
- ୧୦ ବର୍ଷ ପରେ ଭାରତ ତୃତୀୟଥର ଚାମ୍ପିୟନ୍
- ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଢ଼ାକା, ୨୨।୧୦ : ଏସିଆ କପ୍ ପୁରୁଷ ହକିର ୧୦ମ ସଂସ୍କରଣରେ ଭାରତ ୨-୧ ଗୋଲରେ ମାଲେସିଆକୁ ପରାସ୍ତ କରିଛି । ୧୦ ବର୍ଷ ବ୍ୟବଧାନ ପରେ ରବିବାର ମ୍ୟାଚରେ ଭାରତକୁ ଏଭଳି ସଫଳତା ମିଳିଛି । ବାଂଲାଦେଶର ରାଜଧାନୀ ଢାକାରେ ଅନୁଷ୍ଠିତ ଫାଇନାଲ ମ୍ୟାଚର ୩ୟ ମିନିଟରେ ଭାରତର ରମଣଦୀପ ସିଂହ ମାଲେସିଆ ବିପକ୍ଷରେ ପ୍ରଥମ ଗୋଲ ଦେଇଥିବା ବେଳେ, ପ୍ରଥମ ହାଫ୍‌ରେ ଲଳିତ ଉପାଧ୍ୟାୟ (୨୯ମିନିଟରେ)୨ୟ ଗୋଲ ଦେଇଥିଲେ । ମାଲେସିଆ ପ୍ରଥମ ଥର ପାଇଁ ଫାଇନାଲରେ ପ୍ରବେଶ କରିଥିଲା । ୪ର୍ଥ କ୍ୱାର୍ଟରରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଭାରତ ଉପରେ କୌଣସି ପ୍ରଭାବ ପକାଇ ପାରି ନଥିଲା । ପୂର୍ବରୁ ସୁପର-୪ରେ ଭାରତ ଶନିବାର ୪-୦ରେ ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା । ଭାରତ ଏହା ପୂର୍ବରୁ ୨୦୦୭ରେ ଚମ୍ପିଆନ ହୋଇଥିଲା । ଭାରତ ପ୍ରଥମ ଥର ୨୦୦୩ରେ ପ୍ରଥମ ଥର ଏସିଆ କପ କବଜା କରିଥିଲା । ମାଲେସିଆ ପକ୍ଷରୁ ଚତୁର୍ଥ କ୍ୱାର୍ଟରରେ ଶାହରିଲ ସବାହ ୫୦ ତମ ଗୋଲ ଦେଇ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିଥିଲେ । ଏହି ମ୍ୟାଚରେ ଦୁଇ ଦଳ ମଧ୍ୟରେ କଡ଼ା **(ପୃଷ୍ଠା-୭)**

# ପୋଲିସ ଇନଫର୍ମର ସନ୍ଦେହରେ ହତ୍ୟା

ମାଲକାନଗିରି, ୨୨।୧୦ (ସକାଳ ଖବର) : ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଷ୍ଟିଲଓ୍ୱାଇ ଲଂଚ ଘାଟ ଠାରେ ମାଓବାଦୀମାନେ ଶନିବାର ରାତିରେ ପୋଲିସ ଇନଫର୍ମର ସନ୍ଦେହରେ ସମା ପାଙ୍ଗି(୪୦)ଙ୍କୁ ଗୁଳି କରି ହତ୍ୟା କରିଛନ୍ତି । ଖବର ପାଇ ଚିତ୍ରକୋଣ୍ଡା ଥାନା ପୋଲିସ ଓ ବିଏସଏଫ ଯବାନମାନେ ଘଟଣାସ୍ଥଳରେ ପହଂଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ଜଣାପଡିଛି ।

ପ୍ରକାଶ ଥାଉ କି, ପଣସପୁଟ ଗ୍ରାମର ସମା ପାଙ୍ଗି ଉକ୍ତ ଅଂଚଳର ମାଓବାଦୀ ସମର୍ଥକଙ୍କୁ ଆତ୍ମସମର୍ପଣ କରାଇବା ଓ ପୋଲିସକୁ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ସୂଚନା ଦେଉଥିବା ଦର୍ଶାଇ ଗତ ୨ ବର୍ଷ ତଳେ ମାଓବାଦୀମାନେ ପ୍ରଜାକୋର୍ଟ କରି ତାଙ୍କୁ ଗାଁ ଛାଡି ଚାଲିଯିବାକୁ ଧମକ ଦେଇଥିଲେ । ସେବେଠାରୁ ସେ ନିଜ ପତ୍ନୀ ଓ ପିଲା ଛୁଆଙ୍କୁ ଧରି ଗାଁ ଛାଡି ଚାଲି ଆସିଥିଲେ । ଚିତ୍ରକୋଣ୍ଡା ଠାରେ ମୂଲ ମଜୁରୀ କରି ଚଳୁଥିଲେ । ଶନିବାର ସଂନ୍ଧ୍ୟାରେ ସମା ଲଂଚ ଘାଟରୁ କୌଣସି କାମରେ ଷ୍ଟିଲଓ୍ୱାଇକୁ ଯାଇଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ମାଓସମର୍ଥକ ମାନେ ଆସି ସମାଙ୍କୁ ଜୋରଜବରଦସ୍ତ ସାଙ୍ଗରେ ନେଇ ଯାଇଥିଲେ । ମାଓନେତା ସୁଧିରଙ୍କ ନେତୃତ୍ୱରେ ୧୫ରୁ ୨୦ ଜଣ ମାଓବାଦୀ ରାତିରେ ଲଂଚ ଘାଟରୁ ସମାଙ୍କୁ ଆଣି ମାଡ ମାରିବା ପରେ ଅତି ନିକଟରୁ ପେଟକୁ ଗୁଳି କରି ହତ୍ୟା କରିଥିଲେ । ପରେ ଚିତ୍ରକୋଣ୍ଡା-ଷ୍ଟିଲଓ୍ୱାଇ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ମଣ୍ଡପ ଉପରେ ତାଙ୍କ ମୃତଦେହକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପକାଇ ଦେଇ ଚାଲିଯାଇଥିଲେ । ସ୍ଥାନୀୟ ଲୋକେ ଆଜି ସକାଳେ ଏ ସମ୍ପର୍କରେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ ।

ସୂଚନା ଯୋଗ୍ୟ ଯେ, ଏଥି ପୂର୍ବରୁ ଗତ ୭ ବର୍ଷ ତଳେ ମାଓନେତା ମାଧବ ଷ୍ଟିଲଓ୍ୱାଇର ଠିକାଦାର ପୂର୍ଣ୍ଣ ଦଳେଇଙ୍କୁ ଏହି ସ୍ଥାନରେ ହତ୍ୟା କରିଥିଲା ।

# ହେଲିକେପ୍ଟରରେ ଗଲା ରାସନ ସାମଗ୍ରୀ



ମାଲକାନଗିରି, ୨୨।୧୦ (ସକାଳ ଖବର) : ଆଜି ପବନ ହଂସ ହେଲିକେପ୍ଟର ଯୋଗେ ଚିତ୍ରକୋଣ୍ଡା ବିଚ୍ଛିନ୍ନାଚଂଳ ଠାରେ ଥିବା ଆଇ.ଆର.ବି. ଯବାନଙ୍କ କ୍ୟାମ୍ପକୁ ଆବଶ୍ୟକ ରାସନ ସାମଗ୍ରୀ ନିଆଯାଇଛି । ମାଓବାଦୀଙ୍କ ଦ୍ୱାରା ରାସନ ସାମଗ୍ରୀ ଲୁଟ୍ ପରେ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।

ସୂଚନାଯୋଗ୍ୟ ଯେ, ଗତ ରବିବାର ଦିନ ଚିତ୍ରକୋଣ୍ଡା ସାପ୍ତାହିକ ହାଟରୁ ଯବାନମାନଙ୍କ ରୋଷେଇ ନିମନ୍ତେ ରାସନ ସାମଗ୍ରୀ ନେଇ ଜଳ ଭଣ୍ଡାର ମଧ୍ୟରେ ଦୁଇଟି ମୋଟର ବୋଟ୍ କୁନ୍ତୁରପଦରକୁ ଯାଉଥିବା ବେଳେ ମାଓବାଦୀମାନେ ତୋଟାପଦର ଠାରେ ବୋଟ୍ ଟିକୁ ଅପହରଣ କରି ନେବା ସହ ଏଥିରେ ଥିବା ସମସ୍ତ ରାସନ ସାମଗ୍ରୀ ଲୁଟି ଥିଲେ । ଘଟଣା ପରଠାରୁ କ୍ୟାମ୍ପକୁ ରାସନ ସାମଗ୍ରୀ ଯୋଗାଣ ବନ୍ଦ ରହିଥିଲା ।

# ହାତୀ ଆତଙ୍କ

ଦେବଗଡ,୨୨।୧୦ (ସକାଳ ଖବର) : ଦେବଗଡ଼ ରିଆମାଳ ଓ ତିଲେଇବଣି ଅଂଚଳରେ ବଣୁଆ ହାତୀଙ୍କ ଉପଦ୍ରବ ଦେଖାଦେଇଛି । ହାତୀପଲ ବିଲରେ ଅମଳ ହୋଇଥିବା ଫସଲ ସବୁ ନଷ୍ଟ କରିଦେଇଛନ୍ତି । ଯାହା ଚାଷୀଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି । ହାତୀପଲ ମଧ୍ୟରେ ଅଛନ୍ତି ଗୋଟିଏ ଦନ୍ତା ହାତୀ ସହ ୨୨ଟି ହାତୀ । ହାତୀପଲ ଗାଁରେ ଫସଲ ହୋଇଥିବା ଧାନ, ବିରି, ମୁଗ ଇତ୍ୟାଦି ଶସ୍ୟକୁ ସଂପୂର୍ଣ୍ଣ ଭାବରେ ନଷ୍ଟ କରିଦେଇଛନ୍ତି । ଲୋକମାନେ ହାତୀଙ୍କୁ ନେଇ ଆତଙ୍କିତ ଅବସ୍ଥାରେ ରହୁଥିବାବେଳେ ବନବିଭାଗ ଏହି ହାତୀମାନଙ୍କୁ ଘଉଡାଇବାକୁ ଉଦ୍ୟମ ଜାରି ରଖିଥିବାବେଳେ ବର୍ତମାନ ସୁଦ୍ଧା ସଫଳ ହୋଇ ପାରିନାହିଁ । ସୂଚନାମୁତାବକ ଜଙ୍ଗଲ ନଷ୍ଟ ହେଇଯିବାରୁ ବନ୍ୟଜନ୍ତୁମାନେ ଖାଦ୍ୟ ସଂଗ୍ରହ ପାଇଁ ଜନବସତି ମୁହାଁ ହେଉଥିବା ଜଣାପଡିଛି । ଅନ୍ୟପଟେ ଚାଷୀଙ୍କ କ୍ଷତିପୂରଣ ଦେବାକୁ ରେଂଜ ଅଫିସର ପ୍ରତିଶ୍ରୁତି ଦେଇଛନ୍ତି ।

## ପୁଣି ବାଲେଶ୍ୱରରେ ବାଣ ଆତଙ୍କ

# ଅଫୁଟା ବାଣ ନିଆଁରେ ୮ ଆହତ



ବାଲେଶ୍ୱର,୨୨।୧୦ (ସକାଳ ଖବର) : ଅଫୁଟା ବାଣରେ ନିଆଁ ଲଗାଇ ଦୁର୍ଘଟଣାରେ ଶିକାର ୮ ଆହତ ବାଳକଙ୍କୁ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତନ୍ମଧ୍ୟରୁ ଜଣକର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ରୂପସା ଥାନା ଅନ୍ତର୍ଗତ ସାନଧନାଡ଼ି ଅଞ୍ଚଳରେ ଏହି ଅଘଟଣ ଆଜି ସକାଳେ ଦେଖିବାକୁ ମିଳିଥିଲା। ଦୀପାବଳିରେ ଫୁଟିନଥିବା କିମ୍ୱା ଅଧା ନିଆଁ ଲାଗିଥିବା ଅଫୁଟା ବାଣକୁ ଗୋଟେଇ, ତାର ବାରୁଦକୁ ବାହାର କରି ସାନଧନାଡ଼ି ଗ୍ରାମର ୧୦/୧୨ ଜଣ ବାଳକ ଗୋଟିଏ ମାଟି କଳସିରେ ଭର୍ତ୍ତି କରି ନିଆଁ ଲଗାଇ ଦେଇଥିଲେ। ଏହା ବିସ୍ଫୋରଣ ଘଟି ୭ ଜଣ ବାଳକ ଆହତ ହୋଇଥିଲେ। ସେମାନେ ହେଲେ ପଦ୍ମଲୋଚନ ବେହେରାଙ୍କ ପୁତ୍ର ବାସୁଦେବ ବେହେରା(୧୨), ଉପେନ୍ଦ୍ର ବେରୋଙ୍କ ପୁତ୍ର ଶରତ ବେହେରା(୧୫), ଗିରିଧାରୀ ବେହେରାଙ୍କ ପୁଅ ଭଜହରି ବେହେରା(୧୨), ଜୟାମେ ବେହେରାଙ୍କ ପୁଅ ସଦାଶିବ ବେହେରା(୧୦), ଦୈତାରୀ ବେହେରାଙ୍କ ପୁତ୍ର ଆଲୋକ ବେହେରା(୧୦), ମାଧବାନନ୍ଦ ବେହେରରାଙ୍କ ପୁଅ ହେମନ୍ତ ବେହେରା(୧୧) ଓ ଜଗନ୍ନାଥ ବେହେରାଙ୍କ ପୁଅଭାଗବତ ବେହେରା(୧୨)। ଆହତ ୭ ବାଳକଙ୍କୁ ଗ୍ରାମବାସୀମାନେ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଗୁରୁତରଙ୍କର ଡାକ୍ତରଖାନାରେ ଚିକିତ୍ସା ଚାଲିଥିବା ବେଳେ ସାମାନ୍ୟ ଆହତ ହୋଇଥିବା ଅନ୍ୟ ୪ ଜଣ ଚିକିତ୍ସା ପରେ ଘରକୁ ଚାଲିଯାଇଛନ୍ତି। ସେହିଭଳି ସମ୍ପୃକ୍ତ ରୂପସା ଥାନା ଅନ୍ତର୍ଗତ ରାଇସୁଆଁ ଅଞ୍ଚଳର ହରିଶ ଦାସଙ୍କ ୧୩ ବର୍ଷରୁ ପୁଅ ସପନ କୁମାର ଦାସ ଅଫୁଟା ବାଣରେ ନିଆଁ ଲଗାଉଥିବା ବେଳେ ଏହା ଫୁଟିଯାଇ ତାଙ୍କ ବାମ ପାପୁଲିରେ ଗଭୀର କ୍ଷତ ହୋଇଥିଲା। ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଅତିରିକ୍ତ ଜିଲ୍ଲାପାଳ ମନ୍ମଥ କୁମାର ପାଣି ଡାକ୍ତରଖାନାରେ ପହଞ୍ଚି ଆହତ ବାଳକଙ୍କ ଅବସ୍ଥା ଅନୁଧ୍ୟାନ କରିଥିଲେ।

# ଠିକାଦାରଙ୍କ ଆତ୍ମହତ୍ୟା

ଭୁବନେଶ୍ୱର, ୨୨।୧୦ (ସକାଳ ଖବର) : ସ୍ଥାନୀୟ ପୋଲିସ ଗଭର୍ଣ୍ଣର ହାଉସ ୮ ନଂ. ୟୁନିଟସ୍ଥିତ ଗଭର୍ଣ୍ଣର କଲୋନୀରେ ଏକ ମୃତ ଦେହ ଉଦ୍ଧାର କରିଛି । ଜନୈକ ଠିକାଦାର ଦିଲ୍ଲୀପ ନାୟକଙ୍କର ଏହି ମୃତ ଦେହ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ମୃତ୍ୟୁର କାରଣ ସମ୍ପର୍କରେ କିଛି ଜଣା ପଡି ନାହିଁ । ଏହି ଠିକାଦାର ଆତ୍ମହତ୍ୟା କରିଥିବାର ପୋଲିସ ସୂଚନା ଦେଇଛି । ଅନ୍ୟପକ୍ଷରେ ଜିଏସଟି ଚାପରେ ପଡ଼ି **(ପୃଷ୍ଠା-୭)**



ନେବାର ଭଲ ଉପାୟ ହେଉଛି ଦେବା ।



ହୁଣ୍ଡିର ଆୟ (୨୨.୧୦.୧୭)
୨,୦୨,୩୫୪

# ସୁନ୍ଦରଗଡ଼କୁ ମୁଖ୍ୟମନ୍ତ୍ରୀଙ୍କ ୧୪୩ କୋଟିର ପ୍ରକଳ୍ପ



- ଉନ୍ନୟନ ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯିବ
- ସଂଖ୍ୟାଲଘୁ ଅଞ୍ଚଳରେ ଥିବା ସ୍କୁଲରେ ଶିକ୍ଷାଦାନ ଉନ୍ନତ ହେବ

ଭୁବନେଶ୍ୱର, ୨୨।୧୦ (ସକାଳ ଖବର) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦିନ ସୁନ୍ଦରଗଡ ଜିଲ୍ଲା ଗସ୍ତରେ ଯାଇ ୧୪୩ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ କେତେକ ପ୍ରକଳ୍ପର ଭିତି ପ୍ରସ୍ତର ସ୍ଥାପନ କରିଥିବା ବେଳେ କେତେକ ପ୍ରକଳ୍ପର ଶୁଭ ଉଦଘାଟନ କରିଛନ୍ତି । ଏହି ଅବସରରେ ଆୟୋଜିତ ସଭା ମାନଙ୍କରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସଂଖ୍ୟାଲଘୁ ବସବାସ କରୁଥିବା ଅଂଚଳରେ ଥିବା ସ୍କୁଲ ମାନଙ୍କରେ ଶିକ୍ଷାଦାନ ବ୍ୟବସ୍ଥାକୁ ଉନ୍ନତ ମାନର କରିବା ପାଇଁ ଆବଶ୍ୟକୀୟ ହେଉଥିବା ଭିତିଭୂମି ଯୋଗାଇ ଦିଆ ଯିବ । ଏହା ବ୍ୟତୀତ ସରକାରୀ ଅନୁଦାନ ମଧ୍ୟ ପ୍ରଦାନ କରାଯିବ । ସେହିପରି ଉନ୍ନୟନ ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯିବ । ଅନ୍ୟପକ୍ଷରେ ରାଉରକେଲାର ଉଦିତ ନଗର ଛକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡ. ଭୀମରାଓ ଆମ୍ବେଡକରଙ୍କର ପୂର୍ଣ ଅବୟବ ପ୍ରତିମୂର୍ତିର ଉନ୍ମୋଚନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଏହି ଗସ୍ତ ପାଇଁ ୨୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା । ଭିତି ପ୍ରସ୍ତର ଦିଆ ଯାଇଥିବା **(ପୃଷ୍ଠା-୭)**

# ଦୁଷ୍କର୍ମ ପୀଡିତା ଚୁପ୍ ରହିବା ସହମତିର ପ୍ରମାଣ ନୁହେଁ : ହାଇକୋର୍ଟ

ନୂଆଦିଲ୍ଲୀ,୨୨।୧୦: ଦିଲ୍ଲୀ ହାଇକୋର୍ଟ ଜଣେ ଅନ୍ତସତ୍ତ୍ୱା ମହିଳାଙ୍କୁ ଦୁଷ୍କର୍ମ କରିବା ଅପରାଧରେ ଦୁଷ୍କର୍ମକାରୀକୁ ୧୦ବର୍ଷ ଜେଲଦଣ୍ଡର ଶୁଣାଣି କରିଛନ୍ତି । ଏଥିସହିତ ପୀଡିତା ଦୁଷ୍କର୍ମ ସମୟରେ ଚୁପ୍ ରହିବାର ମାନେ ନୁହେଁ ଯେ ଶାରୀରିକ ସମ୍ପର୍କ ପାଇଁ ତାଙ୍କର ସହମତି ରହିଛି । ତେଣୁ ଏହାକୁ ଏକ ପ୍ରମାଣ ଭାବେ ଧରାଯିବ ନାହିଁ ବୋଲି କହିଛନ୍ତି ହାଇକୋର୍ଟ । ଦୁଷ୍କର୍ମକାରୀଙ୍କ ଓକିଲ କହିଥିଲେ, ଯଦି ପୀଡିତାଙ୍କୁ ଦୁଷ୍କର୍ମ କରାଯାଉଥିଲା ସେ ଚୁପ୍ କାହିଁକି ଥିଲେ? ତା'ମାନେ ସେ ଶାରୀରିକ ସମ୍ପର୍କ ପାଇଁ ରାଜି ଥିଲେ । କିନ୍ତୁ ଏହି ପ୍ରମାଣକୁ ହାଇକୋର୍ଟ ଖରାଜ କରି ଦେଇଥିଲେ ବୋଲି ବିଚାରପତି ସଙ୍ଗୀତା ଦିଙ୍ଗାର ସେହଗାଲ କହିଛନ୍ତି । ପୀଡିତା କହନ୍ତି, ୨୦୧୦ ଡିସେମ୍ବରରେ କାମ ଅନ୍ୱେଷଣ ପାଇଁ ଉତ୍ତରପ୍ରଦେଶରୁ ମୁଁ ଦିଲ୍ଲୀ ଆସିଥିଲି । ମୋର ଭେଟ ମୁନ୍ନା ନାମକ ଜଣକ ବ୍ୟକ୍ତି ଓ ତାଙ୍କ ସାଥୀ କୁମାରଙ୍କ ସହିତ ହୋଇଥିଲା । ଦୁହେଁ ମୋତେ କାମ ଦେବା ପାଇଁ ଚୁକ୍ତି କରିଥିଲେ । ଏହାପରେ ମୁଁ ମୁନ୍ନାଙ୍କ ସହିତ ହରିୟାଣାର ପାନିପଥକୁ ଆସିଥିଲି । ସେଠାରେ ମୁନ୍ନା ପାଖାପାଖି ୨ମାସ ପର୍ଯ୍ୟନ୍ତ ଗୋଟିଏ କଠୋରିରେ ବନ୍ଦ କରିବା ସହିତ ମୋ ସହିତ ଦୁଷ୍କର୍ମ କରି ଚାଲିଥିଲେ । ଯଦି ମୁଁ ସେଠାରୁ ପଳାଇ ଯିବାକୁ ଉଦ୍ୟମ କରେ ତେବେ ସେ ମୋତେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଏତଦବ୍ୟତୀତ ମୋତେ ଦେହ ବ୍ୟବସାୟରେ ସାମିଲ ହେବାକୁ ବାଧ ମଧ୍ୟ କରୁଥିଲେ ମୁନ୍ନା । ଏହାପରେ ମୁନ୍ନା ମୋତେ ନେଇ ଏଡ଼ । କୁମାରଙ୍କ ଫ୍ଲାଟକୁ ଆଣିଥିଲା । ପରେ ଦୁହେଁ ଶାସ୍ତ୍ରୀ ପାର୍କସ୍ଥିତ ଅନ୍ୟ ଏକ ଫ୍ଲାଟରେ ଆଣି ରଖିଥିଲେ । ୨୦୧୧ ଏପ୍ରିଲରେ କୁମାର ଯେତେବେଳେ ଜାଣିଲେ ସେ ନଥିବା ସମୟରେ ମୁନ୍ନା ମୋ ସହିତ ଶାରୀରିକ ସମ୍ପନ୍ଧ ରଖୁଛନ୍ତି, ଦୁହିଁଙ୍କ ମଧ୍ୟରେ ଏହାକୁ ନେଇ ଲଢ଼େଇ ହୋଇଥିଲା । କୁମାର ପୁଲିସକୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇ ଦେଇଥିଲା । ହାଇକୋର୍ଟ ଏହି ଘଟଣାରେ ଅପରାଧୀ ମୁନ୍ନାଙ୍କୁ ଦୋଷୀସାବ୍ୟସ୍ତ କରିବା ସହିତ ୨୦୧୫ରେ ନିମ୍ନ ଅଦାଲତ ଶୁଣାଇଥିବା ରାୟକୁ ଅତୁଟ ରଖିଥିଲେ ।

## ଦୁଷ୍କର୍ମକାରୀକୁ ୧୦ବର୍ଷ ଜେଲଦଣ୍ଡ

# ନିଖୋଜ ଭାରତୀୟଙ୍କୁ ଠାବ କରିବାକୁ ଡିଏନ୍ଏ ପରୀକ୍ଷା କରାଯିବ

ନୂଆଦିଲ୍ଲୀ, ୨୨।୧୦: ଜୁନ୍ ୨୦୧୪ ମସିହାରୁ ଇରାକ୍‌ରେ ନିରୁଦ୍ଦେଶ ହୋଇ ଯାଇଥିବା ୩୯ ଜଣ ଭାରତୀୟଙ୍କ ସମ୍ପର୍କୀୟମାନଙ୍କ ଠାରୁ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଡିଏନ୍ଏ ନମୁନା ସଂଗ୍ରହ କରିବା ଆରମ୍ଭ କରି ଦେଇଛି । ଶେଷକୁ କେନ୍ଦ୍ର ସରକାର ନିରୁଦ୍ଦିଷ୍ଟ ଲୋକମାନଙ୍କ ସମ୍ବନ୍ଧରେ କିଛି ସୂଚନା ପାଇଛି କିନ୍ତୁ ଆହୁରି ଅଧିକ ସୂଚନା ନ ପାଇବା ପର୍ଯ୍ୟନ୍ତ କୌଣସି କଥା ପ୍ରକାଶ କରିବାକୁ ଚାହୁଁ ନାହିଁ ବୋଲି ଅନୁଭବ କରୁଥିବା ସେମାନଙ୍କ ଆତ୍ମୀୟମାନଙ୍କ ମଧ୍ୟରେ ଉଭୟ ଆଶା ଏବଂ ଆଶଙ୍କା ଉପୂନ ହୋଇଛି । ଦିଲ୍ଲୀରେ ଅବସ୍ଥିତ ଶୀର୍ଷସ୍ତରୀୟ ସରକାରୀ ସୂତ୍ରରୁ ପ୍ରକାଶ ଯେ ରୁଟିନ୍ ପଦ୍ଧତି ଅନୁସାରେ ଡିଏନ୍ଏ ନମୁନା ସଂଗ୍ରହ କରାଯାଉଛି । ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ସାଧାରଣ ପ୍ରଥା ଅନୁସାରେ ସରକାର ଇରାକୀୟ ସରକାରଙ୍କୁ ନମୁନା ଯୋଗାଇ ଦେବା ଆବଶ୍ୟକ ବୋଲି ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ପୂର୍ବରୁ ପଞ୍ଜାବ ସମେତ ଚାରିଟି ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ପତ୍ର ଲେଖି ଥିଲେ । ଏହି ମାମଲା ସମ୍ବନ୍ଧରେ ଇରାକ୍ ସରକାର ଭାରତ ସରକାରଙ୍କ ସହ ଯୋଗସୂତ୍ର ରଖି ଆସୁଛି । ପୂର୍ବରୁ ଇରାକ୍ ସରକାର ଜଣାଇ ଥିଲେ ଯେ ନିଖୋଜ ଭାରତୀୟଙ୍କ ମାମଲାରେ ତାଙ୍କ ନିଜ ତଦନ୍ତ ପାଇଁ ସେମାନେ ନମୁନା ଆବଶ୍ୟକ କରୁଛନ୍ତି । ଭାରତୀୟ ଅଧିକାରୀଙ୍କ ମତରେ, ୩୯ ଜଣ ଭାରତୀୟ ନାଗରିକ ମୃତ କି, ଜୀବିତ ଏହା କୌଣସିମତେ ବୃାନ୍ତ ପ୍ରମାଣ ଦେଉନାହିଁ । ପ୍ରାୟ ୪୦ ଜଣ ଭାରତୀୟ ଯୁବକ, ଅଧିକାଂଶ ପଞ୍ଜାବି, ମୋସୁଲ ଠାରେ ଏକ ନିର୍ମାଣକାରୀ କମ୍ପାନିରେ କାମ କରୁଥିଲେ । ସେମାନଙ୍କୁ ୨୦୧୪ ମସିହା ଜୁନ୍ ୧୧ ତାରିଖ ଦିନ ଇସ୍‌ଲାମିକ୍ ଷ୍ଟେଟ୍ ଟେରରିଷ୍ଟମାନେ ଅପହରଣ କରି ନେଇ ଥିବା କୁହାଯାଉଛି । **(ପୃଷ୍ଠା-୭)**



Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**